Digitized by srujanika@gmail.com

ଆମ ଗ୍ରହ ଓ ଉପଗ୍ରହ

ମଙ୍ଗଳ

ଲେଖକ—

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୪

ମୂଲ୍ୟ ଟ ୦ ।/ ପାଞ୍ଚଅଣା ମାତ୍ର

Digitized by srujan ka@gmail.com

ଆମ ଗ୍ରହ ଓ ଉପଗ୍ରହ

ସୂର୍ଯ୍ୟ

ଚନ୍ଦ୍ର

ପୃଥିବୀ

ମଙ୍ଗଳ

ଆକାଶମଣ୍ଡଳ

ପ୍ରତ୍ୟେକର ମୂଲ୍ୟ ପାଞ୍ଚଅଣା

Digitized by srujan ka@gmail.com

ମଙ୍ଗଳ

—୧—

ଆମକୁ ଯଦି କେହି ପଚାରେ, ତୁମ ସାଇପଡ଼ିଶା କିଏ, ତା ହେଲେ ଆମ ଘର ପାଖରେ ଯାହାଙ୍କ ଘର ଥିବ, ଆମେ ତାଙ୍କର ନାମ କହିବା । ଛୋଟ ଛୋଟ ପିଲମାନେ ନିଜ ଘର ଛଡ଼ି ପଦାକୁ ଆଉ କେଉଁଠାକୁ ଯିବା ପୂର୍ବରୁ ଆଗ ସାଇପଡ଼ିଶାଙ୍କ ଘରକୁ ଯାଇଥାଆନ୍ତି । ସେହିପରି ଆମ ପୃଥିବୀର ସାଇପଡ଼ିଶା ହେଉଛନ୍ତି, ଗୋଟିଏ ପାଖରେ ଶୁକ୍ର ଗ୍ରହ ଓ ଅନ୍ୟ ପାଖରେ ମଙ୍ଗଳ ଗ୍ରହ । ଆମେ ଆଉ କୌଣସି ଗ୍ରହକୁ ଯିବା ପୂର୍ବରୁ ଆଗ ଏହି ଦୁଇଟି ଗ୍ରହକୁ ଯିବା କଥା ଭାବିବା ।

ଶୁକ୍ର ଗ୍ରହ ସୂର୍ଯ୍ୟର ନିକଟରେ ରହିଛି । ତେଣୁ ସୂର୍ଯ୍ୟ-କିରଣରେ ତାହା ସବୁବେଳେ ଗରମ ହୋଇ ରହିଥିବ । ସେଠାକୁ ଆମେ କଦାପି ଯାଇପାରିବା ନାହିଁ । ଗଲେ ମଧ୍ୟ ସେଠାରେ ପାଣି

Digitized by srujan ka@gmail.com

ପବନ, ଗଛଲତା କି ଜୀବଜନ୍ତୁ କିଛି ଦେଖିବାକୁ ପାଇବା
ନାହିଁ । ହୁଏତ ଅସହ୍ୟ ଥାଣ୍ଡରେ ଯୋଢ଼ ମରିଯିବା ।



ଶୁକ୍ର ଗ୍ରହକୁ ଆମେ ଯାଇପାରିବା ନାହିଁ; ତେବେ
ଚାଲ ମଙ୍ଗଳ ଗ୍ରହକୁ ଯିବା । ସେଠାକୁ ଗଲେ ହୁଏତ ଖେଳିବାକୁ
ସାଙ୍ଗସାଥି ପାଇବା । ଭଲ ଭଲ ଖାଇବା ଜିନିଷ ମିଳିବ ।
କେତେ ସୁନ୍ଦର ଦୃଶ୍ୟ ବି ଦେଖିବାକୁ ମିଳିପାରେ ।

Digitized by srujan ka@gmail.com

ମଙ୍ଗଳ ଗ୍ରହ ପୃଥିବୀଠାରୁ ତେଇଶ କୋଟି ପଂଚସ୍ତରୀ ଲକ୍ଷ (୨୩,୭୫,୦୦୦୦୦) ମାଇଲ ଦୂରରେ ରହିଛନ୍ତି । ଅବଶ୍ୟ ସବୁ ଦିନ ସେ ଏତେ ଦୂରରେ ନ ଥାଏ । ସମୟ ସମୟରେ ସେ ପୃଥିବୀର ଖୁବ୍ ନିକଟକୁ ଚାଲିଆସେ । ସେତେବେଳେ ଏ ଦୁଇ ଗ୍ରହ ମଧ୍ୟରେ ବ୍ୟବଧାନ ରହେ ମୋଟେ ତିନି କୋଟି ଚାଳିଶ ଲକ୍ଷ ମାଇଲ୍ । ସେତେବେଳେ ସତେ ଯେପରି ମଙ୍ଗଳ ଗ୍ରହ ପୃଥିବୀ ଗ୍ରହକୁ ଡାକି କହେ, "ମୁଁ ତୋର ଏତେ ପାଖକୁ ଆସିଗଲି; ତୋ ପିଲାଙ୍କୁ ଟିକିଏ ମୋ ଘରକୁ ପଠାଉ ନାହୁଁ ? ସେ ମୋତେ ସଙ୍ଗ ପାଆନ୍ତେ । ମୋ ପିଲାଏ ବି ତାଙ୍କୁ ପାଖରେ ପାଇ କେତେ ଆଦର କରନ୍ତେ ।"

ଏ ଡାକ କି ସହଜରେ ସମ୍ଭାଳି ହୁଏ ? ତେଣୁ ଆମ ପୃଥିବୀର କେତେଜଣ ବଡ଼ ପଣ୍ଡିତ ମଙ୍ଗଳ ଗ୍ରହକୁ ଯିବା ପାଇଁ ଖୁବ ଆୟୋଜନରେ ଲାଗି ପଡ଼ିଅଛନ୍ତି ।

ଆଜିକାଲି ଯେଉଁଭଳି ଉଡ଼ାଜାହାଜ ତିଆରି ହେଲାଣି, ତାହା ଘଣ୍ଟାକୁ ସାତ ଶହ ମାଇଲ୍ ଯାଏ ଉଡ଼ିପାରୁଛି । ସେହିପରି ଗୋଟିଏ ଉଡ଼ାଜାହାଜରେ ବସି ଯେବେ ରାତି ଦିନ ଆମେ ଉଡ଼ିବା, ତେବେ ଛଅ ବର୍ଷ ପରେ ଯାଇ ମଙ୍ଗଳ ଗ୍ରହରେ ପହଞ୍ଚିପାରିବା । ଆମ ଜହ୍ନମାମୁ ଏବଂ ଶୁକ୍ର ଗ୍ରହକୁ ଛାଡ଼ି ଦେଲେ, ଏତେ ଶୀଘ୍ର ଆଉ କୌଣସି ଗ୍ରହକୁ ଆମେ ଯାଇପାରିବା ନାହିଁ ।

ପଣ୍ଡିତମାନେ କହୁଅଛନ୍ତି, ଯଦି ଘଣ୍ଟାକୁ ଲକ୍ଷେ ମାଇଲ ଉଡ଼ିଗଲା ଭଳି ଗୋଟିଏ ଉଡ଼ାଜାହାଜ ତିଆରି ହେବ, ତେବେ ସେଥିରେ ବସି ଶୀଘ୍ର ମଙ୍ଗଳ ଗ୍ରହକୁ ଯାଇହେବ । ଏହାପରେ

Digitized by srujan ka@gmail.com

ଖାଲି ଗୋଟିଏ ଉଡ଼ାଜାହାଜ ହୋଇଗଲେ ତ ଚଳିବ ନାହିଁ । ତା ସାଙ୍ଗକୁ ଆଉ କେତେକ ଯନ୍ତ୍ରପାତି ବି ଦରକାର ।

ପୃଥିବୀରେ ଆମେ ଯେଉଁ ସ୍ଥାନକୁ ଶୂନ୍ୟସ୍ଥାନ ବୋଲି କହୁଥାଉଁ, ତାହା ପ୍ରକୃତରେ ଶୂନ୍ୟସ୍ଥାନ ନୁହେଁ । ସେଠାରେ ବାୟୁ ପୂରି ରହିଛି । ଆମେମାନେ ସେହି ବାୟୁସ୍ତର ମଧ୍ୟରେ ବୁଡ଼ି ରହିଥାଉଁ—ଠିକ୍ ମାଛ ଯେପରି ପାଣିଭିତରେ ବୁଡ଼ି ରହିଥାଏ । ଏ ବାୟୁସ୍ତର ନ ଥିଲେ, ଆମେ ମୁହୂର୍ତ୍ତେ ହିଁ ବଞ୍ଚି ରହିପାରନ୍ତେ ନାହିଁ ।

ପୃଥିବୀ ଉପରକୁ ଦୁଇ ଶହ ମାଇଲ ଯାଏ ଏହି ବାୟୁସ୍ତର ରହିଛି । ଆମ ମୁଣ୍ଡ ଉପରେ ବାୟୁସ୍ତରର ଚାପ ଯେତେ, ଉପରକୁ ସେତେ ଚାପ ନାହିଁ; କ୍ରମେ କମି କମି ଯାଇଛି । ତେଣୁ ଉପର ଅଂଶର ବାୟୁ ତଳ ଅଂଶର ବାୟୁ ଅପେକ୍ଷା ହାଲୁକା ।

ହିମାଳୟର ଏଭରେଷ୍ଟ ଶୃଙ୍ଗ ପୃଥିବୀ ମଧ୍ୟରେ ସବୁଠାରୁ ଉଚ୍ଚ । ଏହାର ଉଚ୍ଚତା ପାଞ୍ଚ ମାଇଲ । ଯେଉଁମାନେ ଏହି ଶୃଙ୍ଗ ଉପରକୁ ଉଠିବାକୁ ଯାଉଅଛନ୍ତି, କ୍ରମେ ଉପରକୁ ବାୟୁ ବେଶି ହାଲୁକା ହୋଇଥିବାରୁ ସେମାନେ ଶୃଙ୍ଗର ଶେଷ ପର୍ଯ୍ୟନ୍ତ ଯାଇପାରୁ ନାହାନ୍ତି । କାରଣ ଏଠାରେ ବେଶି ଚାପଥିବା ବାୟୁରେ ସେମାନେ ଅଭ୍ୟସ୍ତ ହୋଇଅଛନ୍ତି । ଉପରର ହାଲୁକା ବାୟୁସ୍ତର ମଧ୍ୟକୁ ଗଲାବେଳକୁ ତାହା ଆଉ ସହିପାରୁ ନାହାନ୍ତି । ତେଣୁ କେତେକ ମରି ଯାଉଅଛନ୍ତି, କେହି ବା ବାଧ୍ୟ ହୋଇ ଫେରି ଆସୁଛନ୍ତି ।

ପାଞ୍ଚ ମାଇଲ ଉପରକୁ ଉଠିବାକୁ ତ ଏତେ କଷ୍ଟ; ତା ଉପରକୁ ଦୁଇ ଶହ ମାଇଲ ଯିବାଯାଏ, ଆଉ କେତେ ବା କଷ୍ଟ ନ ହେବ !

Digitized by srujan ka@gmail.com

ତେଣିକି ଦୁଇ ଶହ ମାଇଲ୍ ପରେ ତ ଅବସ୍ଥା ଏକାବେଳକେ ଅସମ୍ଭବ ହୋଇଉଠିବ । ମାଛଟିକୁ ପାଣିରୁ ଧରିଆଣି ଶୁଖିଲାରେ ପକାଇଦେଲେ ସେ ଯେପରି ଛଟପଟ ହୋଇ ମରିଯାଏ, ମନୁଷ୍ୟ ସେଠାରେ ସେହିପରି ମରିଯିବ । ମାଛଟିକୁ ମରିବା ପାଇଁ ଅବଶ୍ୟ କିଛି ସମୟ ଲାଗେ; ମାତ୍ର ମନୁଷ୍ୟଙ୍କୁ ମରିବାକୁ ମୁହୂର୍ତ୍ତେ ହେଲେ ସମୟ ଲାଗିବ ନାହିଁ ।

ତେବେ ଆମେ ପୃଥିବୀ ଛାଡ଼ି ଅନ୍ୟ ଗ୍ରହକୁ ଯିବା କିପରି ?

ମଙ୍ଗଳ ଗ୍ରହକୁ ଯିବାପାଇଁ ଯେଉଁ ଉଡ଼ାଜାହାଜ ତିଆରି ହେବ, ସେଥିରେ ଯଥେଷ୍ଟ ପରିମାଣ ବାୟୁ ପୂରି ରହିଥିବା ଥଳୀ ବା ଯନ୍ତ୍ର ରଖାଯିବା ଦରକାର । ଆମେ ସେ ଥଳୀଭିତରେ ଯେପରି ବୁଡ଼ି ରହିଥିବା । ତା ହେଲେ ବାହାରେ ବାୟୁ ଅଛି କି ନାହିଁ, ତାହା ଜାଣିପାରିବା ନାହିଁ କି ବାୟୁ ଅଭାବରୁ କଷ୍ଟ ପାଇବା ନାହିଁ ।

ବାୟୁଥଳୀ ସାଙ୍ଗରେ ନ ନେଇ ଗଲେ, ତିନି କୋଟି ମାଇଲ ତ ଦୂରର କଥା, ତିନି ଶହ ମାଇଲ ବି ଯାଇପାରିବା ନାହିଁ ।

ଏହିସବୁ ଯନ୍ତ୍ର ତିଆରି କରିବାରେ ଆଜିକାଲି ପଣ୍ଡିତମାନେ ଜୋରସୋରରେ ଉଦ୍ୟମ ଚଳାଇଛନ୍ତି ।

ଏ ପର୍ଯ୍ୟନ୍ତ ଅବଶ୍ୟ କେହି ମଙ୍ଗଳ ଗ୍ରହକୁ ଯାଇପାରି ନାହାନ୍ତି; ମାତ୍ର ମଙ୍ଗଳ ଗ୍ରହ ସମ୍ବନ୍ଧରେ ଠିକ୍‌ଠାକ୍ ବହୁତ କଥା ଆମ ପୃଥିବୀର ପଣ୍ଡିତମାନେ ଜାଣି ସାରିଲେଣି । ସେଇଥିପାଇଁ ସେମାନଙ୍କର ସେଠାକୁ ଯିବାକୁ ଏତେ ଇଚ୍ଛା, ଏପରି ଉଦ୍ୟମ ।

Digitized by srujan ka@gmail.com

—୨—

ଯେଉଁମାନେ ରାତରେ ଆକାଶକୁ ଗୁହିଁରହି ତାରା ଦେଖନ୍ତି, ସେମାନେ କହନ୍ତି ଯେ, ମଙ୍ଗଳ ଗ୍ରହଟି ସବୁ ତାରା ଅପେକ୍ଷା ବେଶି ଉଜ୍ଜ୍ୱଳ ଦିଶେ । ତାର ବର୍ଣ୍ଣ ଲାଲ୍ ଦେଖାଯାଏ । ଅନ୍ୟ କୌଣସି ତାରାର ରଙ୍ଗ ଏପରି ଲାଲ୍ ନୁହେ ।

ମଙ୍ଗଳ ସବୁ ସମୟରେ ଆମକୁ ଦେଖାଯାଏ ନାହିଁ । ପୃଥିବୀ ଯେପରି ସୂର୍ଯ୍ୟ ଗ୍ରହ ପାଖରେ ଘୂରିବୁଲେ, ମଙ୍ଗଳ ମଧ୍ୟ ସେହିପରି ସୂର୍ଯ୍ୟ ଗ୍ରହ ପାଖରେ ଘୂରେ । ଦୁଇ ଗ୍ରହଯାକ ଏହିପରି ଘୂରୁ ଘୂରୁ ଯେତେବେଳେ ମଙ୍ଗଳ ଓ ସୂର୍ଯ୍ୟ ମଝିରେ ପୃଥିବୀ ରହିଯାଏ, ସେହି ସମୟରେ ମଙ୍ଗଳ ପରିଷ୍କାର ଦେଖାଯାଏ । ସେତେବେଳେ ମଙ୍ଗଳ ପୃଥିବୀର ଖୁବ୍ ପାଖକୁ ଚୁଲି ଆସିଥାଏ କିନା, ସେଇଥିପାଇଁ ତାର ସବୁ ଅଂଶ ବି ଦେଖାଯାଏ ।

ସେତେବେଳେ ଏପରି ପରିଷ୍କାର ଦେଖାଯିବାର ଆଉ ଗୋଟିଏ କାରଣ ଅଛି ।

ସବୁ ଗ୍ରହ ଭଣ୍ଟା ପରି ଗୋଲ । ଗୋଟିଏ ଗୋଲ ଜିନିଷକୁ ଆଲୁଅ ନିକଟରେ ରଖିଲେ, ତାର ଗୋଟିଏ ପାଖରେ ଆଲୁଅ ପଡ଼ିବ, ଅନ୍ୟ ପାଖଟି ଅନ୍ଧାରରେ ରହିଯିବ; ଦୁଇ ପାଖଯାକ ଏକାବେଳକେ ଆଲୁଅ ପାଇପାରିବ ନାହିଁ ।

ସେହିପରି ଯେତେବେଳେ ସୂର୍ଯ୍ୟ, ପୃଥିବୀ ଓ ମଙ୍ଗଳ ଏକ ଧାଡ଼ିରେ ଗୋଟିକ ପରେ ଗୋଟିଏ ରହିଯାଆନ୍ତି, ସେତେବେଳେ ପୃଥିବୀ ମଙ୍ଗଳକୁ ପରିଷ୍କାର ଦେଖିପାରେ । ମଙ୍ଗଳର ଯେଉଁ

Digitized by srujan ka@gmail.com

ପାଖଟି ସୂର୍ଯ୍ୟ ଅଡ଼କୁ ଥାଏ, ସେହି ପାଖଟି ହ ପୃଥିବୀ ଅଡ଼କୁ ରହିଥାଏ । ସୂର୍ଯ୍ୟକିରଣ ପଡ଼ି ସେହି ପାଖଟି ଉଜ୍ଜ୍ୱଳ ଦିଶେ । ସେତେବେଳେ ପୃଥିବୀର ଲୋକେ ମଙ୍ଗଳକୁ ଭଲରୂପେ ଦେଖିବାକୁ ପାଆନ୍ତି ।

ଏବେ ତ ମଙ୍ଗଳ ପାଖକୁ ଆସି ଯାଇଥାଏ, ସେଥିରେ ପୁଣି ସୂର୍ଯ୍ୟକିରଣରେ ସଫା ଦେଖାଯାଏ । ତେଣୁ ମଙ୍ଗଳ ଗ୍ରହ କଥା ଜାଣିବାକୁ ପଣ୍ଡିତମାନଙ୍କର ସୁବିଧା ହୁଏ । କିନ୍ତୁ ସେତେବେଳେ ମଙ୍ଗଳର ଲୋକେ ପୃଥିବୀକୁ ଦେଖିପାରନ୍ତି ନାହିଁ ।

ଏପରି ସୁଯୋଗ ଥରେ ମିଳେ ପନ୍ଦର ଷୋଳ ବର୍ଷ ପରେ । ଏହି ସମୟରେ ପୃଥିବୀ ଓ ମଙ୍ଗଳର ଦୂରତ୍ୱ ମୋଟେ ତିନି କୋଟି ଚାଳିଶ ଲକ୍ଷ ମାଇଲ୍ । ଅତଏବ ମଙ୍ଗଳ ଗ୍ରହକୁ ଭଲରୂପେ ଦେଖିବାପାଇଁ ପଣ୍ଡିତମାନେ ଏହି ସମୟକୁ ଅପେକ୍ଷା କରି ରହିଥାଆନ୍ତି ଓ ନାନା ପ୍ରକାର ଯନ୍ତ୍ରପାତି ସଜାଡ଼ି ରଖିଥାଆନ୍ତି । ଶେଷ ଥର ଯେତେବେଳେ ମଙ୍ଗଳ ପୃଥିବୀ ପାଖକୁ ଆସିଥିଲା, ସେତେବେଳେ କେତେକ ବୈଜ୍ଞାନିକ ଖୁବ୍ ଦ୍ରୁତଗାମୀ 'ରକେଟ' ସେଠାକୁ ପଠାଇବେ ବୋଲି ଠିକ୍ କରି ରଖିଥିଲେ । ସେମାନେ କଳ୍ପନା କରୁଥିଲେ, ରକେଟଟା ମଙ୍ଗଳ ଗ୍ରହ ଯାଏ ଯାଇପାରିଲେ ତାହା ସେଠାରେ ଯେକୌଣସି ଅଞ୍ଚଳରେ ପଡ଼ିଲେ ମଧ୍ୟ କିଛି ନା କିଛି କାମ ଦେବ । ମାତ୍ର ସେମାନଙ୍କର ଏ କଳ୍ପନା ଫସରଫାଟି ଗଲା । ରକେଟଟା କିଛି ବାଟଯାଇ ପୁଣି ପୃଥିବୀକୁ ଫେରି ଆସିଲା । ମଙ୍ଗଳ ଗ୍ରହ ଆଉ ଥରେ ଯେବେ ପୃଥିବୀ ପାଖକୁ ଆସିବ, ତା ସହିତ ସମ୍ପର୍କ ରଖିବାପାଇଁ ସେହିପରି କ ବ୍ୟବସ୍ଥା କରିବାକୁ

Digitized by srujan ka@gmail.com

ହେବ, ସେଥିଲାଗି ପଣ୍ଡିତମାନଙ୍କ ମଧ୍ୟରେ ଏବେ ବହୁ ଆୟୋଜନ ଲାଗିଯାଇଛି ।

ଅନ୍ୟାନ୍ୟ ଗ୍ରହ ଉପଗ୍ରହକୁ ଯିବା ଅପେକ୍ଷା ମଙ୍ଗଳ ଗ୍ରହକୁ ଯିବାପାଇଁ ପଣ୍ଡିତମାନେ ବଡ଼ ବ୍ୟାକୁଳ । ତାର କାରଣ, ସେମାନେ ଭାବୁଛନ୍ତି ଯେ, ଅନ୍ୟାନ୍ୟ ଗ୍ରହରେ ଜୀବଜନ୍ତୁ ନାହାନ୍ତି । ଯେଉଁ ଗ୍ରହଗୁଡ଼ିକ ସୂର୍ଯ୍ୟ ପାଖରେ ଅଛନ୍ତି, ସେମାନେ ଅତ୍ୟଧିକ ଗରମରେ ସବୁବେଳେ ତାତି ରହିଅଛନ୍ତି । ଯେଉଁଗୁଡ଼ିକ ଦୂରରେ ଅଛନ୍ତି, ସେସବୁ ଅତ୍ୟଧିକ ଥଣ୍ଡା ହୋଇଗଲେଣି । ମଝିରେ ପୃଥିବୀ ଓ ମଙ୍ଗଳ ଗ୍ରହ ଦୁଇଟି ଗରମ ଓ ଥଣ୍ଡା ଅଧାଅଧି ପାଇଅଛନ୍ତି । ଏ ଦୁଇ ଗ୍ରହ ମଧ୍ୟରେ ବହୁତ ସାମଞ୍ଜସ୍ୟ ବି ଅଛି; ପାଣିପବନ ବହୁଛି । ତେଣୁ ପୃଥିବୀରେ ଯେତେବେଳେ ଗଛଲତା ଓ ଜୀବଜନ୍ତୁ ଅଛନ୍ତି, ମଙ୍ଗଳରେ ବି ଗଛଲତା ଓ ଜୀବଜନ୍ତୁ ନିଶ୍ଚୟ ଥିବେ । ସେହିପରି ପୃଥିବୀ ଗ୍ରହ ଭଳି ମଙ୍ଗଳ ଗ୍ରହରେ ମଣିଷ ଥିବେ । ଉଭୟ ଗ୍ରହର ମନୁଷ୍ୟଙ୍କ ମଧ୍ୟରେ ଚିହ୍ନା ପରିଚୟ ହୋଇଗଲେ, ସୌର-ଜଗତର ବହୁତ ଗୂଢ଼ କଥା ଜଣାପଡ଼ିଯିବ ।

ମଙ୍ଗଳ ଗ୍ରହକୁ ଦେଖିବା ପାଇଁ ଖୁବ୍ ବଡ଼ ବଡ଼ ଦୂରବୀକ୍ଷଣ ଯନ୍ତ୍ର ତିଆରି ହେଲାଣି । ସେହି ଯନ୍ତ୍ରରେ ମଙ୍ଗଳ ଗ୍ରହ ଦେହର ବହୁତ କଥା ଦେଖାଯାଉଛି ।

—୩—

ପୃଥିବୀ ଅପେକ୍ଷା ମଙ୍ଗଳ ଗ୍ରହ ବୟସରେ ବଡ଼; ତେଣୁ ତାହା ସୂର୍ଯ୍ୟଙ୍କଠାରୁ ପୃଥିବୀ ଅପେକ୍ଷା ବେଶି ଦୂରରେ ରହିଛି । କାରଣ

Digitized by srujan ka@gmail.com

ସୂର୍ଯ୍ୟଙ୍କଠାରୁ ଯେଉଁ ଗ୍ରହ ଯେତେ ଅଗ ଜନ୍ମ ହୋଇଛି, ସେ ସେତେ ଦୂରକୁ ଗୁଞ୍ଚିଯାଇଛି ।

ମଙ୍ଗଳ ଗ୍ରହ ତ ସୂର୍ଯ୍ୟ ଚାରି ପାଖରେ ଘୂରୁଅଛି । ଘୂରି ଘୂରି ସେ ଯେତେବେଳେ ସୂର୍ଯ୍ୟ ପାଖକୁ ଚାଲିଆସେ, ସେତେବେଳେ ସୂର୍ଯ୍ୟଠାରୁ ବାର କୋଟି ସତୁରି ଲକ୍ଷ (୧୨,୭୦,୦୦୦୦୦) ମାଇଲ ଦୂରରେ ରହେ । ପୁଣି ଯେତେବେଳେ ଦୂରକୁ ଚାଲିଯାଏ, ସେତେବେଳେ ସେ ଦୂରତା ପନ୍ଦର କୋଟି ତିରିଶ ଲକ୍ଷ (୧୫,୩୦,୦୦୦୦୦) ମାଇଲ ହୋଇଯାଏ । ଆମ ପୃଥିବୀ କିନ୍ତୁ ସୂର୍ଯ୍ୟଠାରୁ ମୋଟେ ନଅ କୋଟି ତିରିଶ ଲକ୍ଷ ମାଇଲ ଦୂରରେ ରହିଛି ।

ମଙ୍ଗଳ ଗ୍ରହକୁ ସୂର୍ଯ୍ୟ ଚାରି ପାଖରେ ଥରେ ଘୂରିବାକୁ ୬୮୭ ଦିନ ଲାଗେ । ଆମ ପୃଥିବୀ କିନ୍ତୁ ୩୬୫ ଦିନରେ ଥରେ ସୂର୍ଯ୍ୟ ଚାରି ପାଖ ଘୂରିଆସେ । ମଙ୍ଗଳକୁ ବେଶି ବାଟ ଯିବାକୁ ପଡ଼େ, ସେଥିରେ ପୁଣି ପୃଥିବୀ ଅପେକ୍ଷା ତା ଗତି ଟିକିଏ ମନ୍ଥର; ତେଣୁ ଆମର ପ୍ରାୟ ଦୁଇ ବର୍ଷରେ ମଙ୍ଗଳବାସୀ ଜୀବଜନ୍ତୁଙ୍କର ଗୋଟିଏ ବର୍ଷ ହୁଏ । ମଙ୍ଗଳ ଓ ପୃଥିବୀର ରାତିଦିନ ପ୍ରାୟ ସମାନ—କେବଳ ଅଧଘଣ୍ଟାଏ ଫରକ । ପୃଥିବୀର ଗୋଟିଏ ରାତି ଓ ଗୋଟିଏ ଦିନ ହେବାକୁ ଚବିଶ ଘଣ୍ଟା ସମୟ ଲାଗେ; ମଙ୍ଗଳର ସେହିପରି ଗୋଟିଏ ରାତି ଓ ଗୋଟିଏ ଦିନକୁ ଚବିଶ ଘଣ୍ଟା ତିରିଶ ମିନିଟ ଲାଗେ ।

ମଙ୍ଗଳ ଗ୍ରହ ଆମ ପୃଥିବୀ ଗ୍ରହ ଅପେକ୍ଷା ଖୁବ୍ ସାନ । ପୃଥିବୀର ଏମୁଣ୍ଡରୁ ସେମୁଣ୍ଡ ଯାଏ ଗୋଟାଏ ବାଡ଼ି ପୁରାଇ ମାପିଲେ, ସେ ବାଡ଼ିର ଲମ୍ବ ହେବ ପ୍ରାୟ ୮୦ ହଜାର ମାଇଲ;

Digitized by srujan ka@gmail.com

କିନ୍ତୁ ମଙ୍ଗଳ ଗ୍ରହରେ ସେହିପରି ଗୋଟିଏ ବାଡ଼ ପୂରିଥିଲେ, ତାହା ହେବ ମୋଟେ ଚାରି ହଜାର ଦୁଇ ଶହ ପନ୍ଦର (୪,୨୧୫) ମାଇଲ । ତେଣୁ ଆକାରରେ ମଙ୍ଗଳ ପୃଥିବୀର ପ୍ରାୟ ଅଧା । ମଙ୍ଗଳ ଗ୍ରହର ଓଜନ ପୃଥିବୀ ଓଜନର ଛଅ ଭାଗରୁ ଭାଗେ ବୋଲି ପଣ୍ଡିତମାନେ ହିସାବ କରି କହନ୍ତି ।



[ମଙ୍ଗଳର ଉପଗ୍ରହମାନଙ୍କ ପଥ]

ପୃଥିବୀ ଅପେକ୍ଷା ମଙ୍ଗଳ ଗ୍ରହ ବେଶି ଥଣ୍ଡା । ତେଣୁ ସେଠାରେ ବେଶି ଅଂଶରେ ବରଫ ପଡ଼େ, ଆଉ ସେ ବରଫ ବହୁତ ଦିନ ଧରି ରହେ ।

Digitized by srujan ka@gmail.com

ଆମର ଜହ୍ନମାମୁ ଗୋଟିଏ । ତାକୁ ଥରେ ପୃଥିବୀ ଚାରି ପାଖରେ ଘୁରିବାକୁ ଅଠେଇଶ ଦିନ ସମୟ ଲାଗେ; ମାତ୍ର ମଙ୍ଗଳ ଗ୍ରହରେ ରହୁଥିବା ଜୀବଜନ୍ତୁଙ୍କର ଜହ୍ନମାମୁ ଦୁଇଟି । ପଣ୍ଡିତମାନେ ସେ ଦୁଇଟିର ନାମ ଦେଇଛନ୍ତି, 'ଡିମସ୍' ଓ 'ଫୋବସ୍' । 'ଡିମସ୍'ଟି ଅତି ସାନ—ଏହାର ମଝି ଦାଢ଼ିର ଲମ୍ବ ମୋଟେ ଦଶ ମାଇଲ୍ । 'ଫୋବସ୍' ତା ଅପେକ୍ଷା ଟିକିଏ ବଡ଼ ।

ମଙ୍ଗଳ ଗ୍ରହର ଏହି 'ଜହ୍ନମାମୁ' ଦୁଇଟି ଖୁବ୍ ପାଖରେ ଥାଆନ୍ତି—ସତେ ଯେପରି ହାତ ପାଆନ୍ତାରେ । ଆମ ପୃଥିବୀର ଛୋଟ ଛୋଟ ପିଲାଏ ଜହ୍ନମାମୁଙ୍କୁ ପାଖକୁ ଆସିବାପାଇଁ ଯେତେ ବିକଳ ହୋଇ ଡାକନ୍ତି, ମଙ୍ଗଳ ଗ୍ରହର ପିଲାଏ ବୋଧହୁଏ ତାଙ୍କ ଜହ୍ନମାମୁଙ୍କୁ ସେପରି ବିକଳ ହୋଇ ଡାକୁ ନ ଥିବେ !

ଆମ ଜହ୍ନମାମୁ ଦୂରରେ ଥିବାରୁ ଥରେ ସେ ପୃଥିବୀ ଚାରି ପାଖ ଘୁରି ଆସିବାକୁ ମାସେ ସମୟ ନିଏ । କିନ୍ତୁ ଡିମସ୍ ମଙ୍ଗଳ ଗ୍ରହର ଚତୁର୍ଦ୍ଦିଗରେ ଥରେ ଘୁରି ଆସିବାକୁ ୩୦ ଘଣ୍ଟା ୧୭ ମିନିଟ ସମୟ ନିଏ । ଅର୍ଥାତ୍ ଆମର ଗୋଟିଏ ଦିନ ଓ ଛଅ ଘଣ୍ଟା ମଧ୍ୟରେ ସେ ମଙ୍ଗଳ ଗ୍ରହ ଚାରି ପାଖରେ ବୁଲି ଆସେ । ସେହି ସମୟ ମଧ୍ୟରେ ତାର ଅର୍ଦ୍ଧ ଓ ପୂର୍ଣ୍ଣ ସବୁ ହୋଇଯାଏ । ଫୋବସ୍ ସାତ ଘଣ୍ଟା ଊଣେଇଶ ମିନିଟରେ ମଙ୍ଗଳ ଚାରି ପାଖରେ ଥରେ ବୁଲେ; ଅର୍ଥାତ୍ ଆମ ଦିନକ ମଧ୍ୟରେ ତିନି ଥର ବୁଲି ସାରି ଆଉ କିଛି ବାଟ ସେ ଅଧିକା ଯାଏ । ତେଣୁ ମଙ୍ଗଳର ଅର୍ଦ୍ଧ ଓ ପୂର୍ଣ୍ଣ ପ୍ରାୟ ପ୍ରତି ଦିନ ଲାଗି ରହିଥାଏ ।

ଏପରି ମଜାର ଦେଶକୁ ଯିବାକୁ ବା କାହାର ଇଚ୍ଛା ନ ହେବ !

Digitized by srujan ka@gmail.com

—୪—

ପଣ୍ଡିତମାନେ ବଡ଼ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ମଙ୍ଗଳ ଗ୍ରହ ସମ୍ବନ୍ଧରେ ବହୁତ କଥା ଜାଣିଲେଣି । ମଙ୍ଗଳ ଗ୍ରହର ଚାରିପାଖରେ ବେଶି ମେଘ ନ ଥାଏ; ତେଣୁ ଖୁବ୍ ପରିଷ୍କାର ଭାବରେ ଆମେ ତାକୁ ଦେଖିପାରୁ ।



(ମଙ୍ଗଳ ଗ୍ରହର ଦେହ)

ଆମ ପୃଥିବୀର ତଳ ଉପର ଦୁଇ ମୁଣ୍ଡରେ ଦୁଇଟି ମେରୁ ଥିଲା ପରି ମଙ୍ଗଳ ଗ୍ରହର ଦୁଇ ମୁଣ୍ଡରେ ଦୁଇଟି ମେରୁ ମଧ୍ୟ ଅଛି । ସେ ମେରୁ ପାଖଆଖ ଅଞ୍ଚଳରେ ବର୍ଷର ବହୁ ସମୟ ବରଫ ଜମି ରହିଥାଏ; ଖରାଦିନ ହେଲେ ବରଫ ତରଳିଯାଏ ।

Digitized by srujanika@gmail.com

ମଙ୍ଗଳ ଗ୍ରହରେ ସାଧାରଣତଃ ଦୁଇ ପ୍ରକାର ରଙ୍ଗ ଦେଖାଯାଏ; ଗାଢ଼ ନାଲି ରଙ୍ଗ ଓ ଫିକା ନେଳୀ ରଙ୍ଗ । ସମୁଦାୟ ଗ୍ରହର ଆଠ ଭାଗରୁ ପାଞ୍ଚ ଭାଗ ନାଲି ରଙ୍ଗ ଓ ବାକୀ ତିନି ଭାଗ ନେଳୀ ରଙ୍ଗ । ପଣ୍ଡିତମାନେ କହନ୍ତି—ନାଲି ରଙ୍ଗ ଅଂଶଟା ଯାହି; ସେଥିରୁ ଅଧିକାଂଶ କେବଳ ବାଲିରେ ପୂରି ରହିଛି—ମରୁଭୂମି । ଆମ ପୃଥିବୀରେ ସାହାରା, ଗୋବି ପ୍ରଭୃତି ମରୁଭୂମି ପରି ମଙ୍ଗଳ ଗ୍ରହରେ ବହୁତ ବଡ଼ ବଡ଼ ମରୁଭୂମି ରହିଛି ।

ଫିକା ନେଳିଆ ଅଂଶଟି ପାଣି ବୋଲି ଜଣାଯାଉଛି । ବର୍ଷର ବାରମାସଯାକ ପଣ୍ଡିତମାନେ ଏହାକୁ ପରୀକ୍ଷାକରି ଦେଖିଅଛନ୍ତି, ଅନେକ ସମୟରେ ଏହି ନେଳୀ ଅଂଶ ବେଶି ହୋଇଯାଏ । ତାହା ବୋଧହୁଏ ମଙ୍ଗଳ ଗ୍ରହର ଖରାଦିନ । ବରଫସବୁ ତରଳି ପାଣି ହେବାରୁ ନେଳିଆ ଅଂଶ ବଢ଼ିଯାଏ । ଯେଉଁ ସମୟରେ ନେଳିଆ ଅଂଶ କମ୍ ଦେଖାଯାଏ, ସେ ସମୟଟା ମଙ୍ଗଳର ଶୀତ ଦିନ—ପାଣିସବୁ ଥଣ୍ଡା ପାଇ ବରଫ ହୋଇଯିବାରୁ ପାଣି ଅଂଶ କମିଯାଏ ।

ମଙ୍ଗଳ ଦେହର ଅଧିକାଂଶ ଭାଗରେ ସିଧା ଓ ଲମ୍ବା ଲମ୍ବା ଗାରସବୁ ଛନ୍ଦାଛନ୍ଦ ହୋଇ ପଡ଼ିଥିବା ପରି ଦେଖାଯାଏ । ଏହାର ରଙ୍ଗ ବି ନେଳିଆ ଧରଣେ । ପଣ୍ଡିତମାନେ କହନ୍ତି, ଏଗୁଡ଼ିକ ମଙ୍ଗଳ ଗ୍ରହର କେନାଲ୍ । କେନାଲ୍ କହିଲେ ଆମେ ଜାଣୁ ଯେ, ବିଲରେ ପାଣି ମଡ଼ାଇବା ପାଇଁ ମଣିଷ ହାତରେ ଯେଉଁ ନାଳ ଖୋଳଥାଏ । ତାହା ବେଶି ଚଉଡ଼ା ନୁହେଁ କି ବେଶି ଲମ୍ବା ନୁହେଁ । କିନ୍ତୁ ତାହା ଯେତେଦୂର ସମ୍ଭବ, ସିଧା ସଳଖ ଭାବରେ

Digitized by srujan ka@gmail.com

ଖୋଳା ଯାଇଥାଏ । ନଈଗୁଡ଼ିକୁ ମଣିଷ ଖୋଳାଇ ନ ଥାନ୍ତି, ତାହା ନିଜେ ନିଜେ ତିଆର ହୋଇଥାଏ । ସେହି ନଈଗୁଡ଼ିକର ଲମ୍ବାଚଉଡ଼ା ବେଶି ; ତାହା ବଙ୍କାଟଙ୍କା ହୋଇଥାଏ ।

ମଙ୍ଗଳ ଗ୍ରହର ଏହି ଦାଗଗୁଡ଼ିକ ସିଧା ସଳଖ; ତେଣୁ ଏହା ନଈ ନୁହେ । ଏହାକୁ କେହି ଖୋଳାଇଛନ୍ତି ବୋଲି ଅନୁମାନ କରାଯାଉଛି । ମାତ୍ର ଏଗୁଡ଼ିକର ଲମ୍ବା ଚଉଡ଼ା ବହୁତ ବେଶି । ସବୁଠାରୁ ଯେଉଁ କେନାଲଟି ବେଶି ସରୁ ଦେଖାଯାଏ, ତାର ଚଉଡ଼ା ପ୍ରାୟ ପଚିଶ ମାଇଲ । ଆମ ପୃଥିବୀର ସବୁଠାରୁ ବେଶି ଚଉଡ଼ା ନଈ ମଧ୍ୟ ଏତେ ଓସାର ନୁହେ । ମୋଟା କେନାଲ୍‌ଗୁଡ଼ିକର ଚଉଡ଼ା ଦୁଇ ଶହ ମାଇଲ ଓ ଲମ୍ବା ତିନି ହଜାର ମାଇଲ ଥିବାର ଅନୁମାନ କରାଯାଉଛି । ମଙ୍ଗଳ ଗ୍ରହର ଏ କେନାଲଗୁଡ଼ିକ ଆପେ ଆପେ ତିଆରି ହୋଇଛି କି କିଏ ଖୋଳାଇଛି, ତାହା ଏ ପର୍ଯ୍ୟନ୍ତ କେହି ଠିକ୍ କରି କହିପାରୁ ନାହାନ୍ତି ।

ପଣ୍ଡିତମାନେ ଜାଣିପାରିଅଛନ୍ତି ଯେ, ମଙ୍ଗଳ ଗ୍ରହରେ ଯେଉଁ ପବନ ଅଛି, ତାହା ବିଶେଷ ହାଲୁକା; ତା ଫଳରେ ସେଠାର ମାଟି ମଧ୍ୟ ହାଲୁକା । ତେଣୁ ଅଳ୍ପ ପରିଶ୍ରମରେ ଏଡ଼େ ଏଡ଼େ କେନାଲ ସହଜରେ ଖୋଳାଯାଇପାରିଛି ।

ପୃଥିବୀରେ ଯେଉଁ ଜିନିଷର ଓଜନ ମହଣେ, ସେହି ଜିନିଷକୁ ମଙ୍ଗଳ ଗ୍ରହକୁ ନେଲେ, ତାହା ଦଶ ପନ୍ଦର ସେର ଯାଏ ଓଜନ ହେବ । ସେହିପରି ସେଠାରେ ସବୁ ଜିନିଷ ହାଲୁକା । ତେଣୁ ଅଳ୍ପ ପରିଶ୍ରମରେ ଓ ସହଜରେ ବେଶି କାମ କରି ହେଉଥିବ । ତା ଫଳରେ ମଙ୍ଗଳ ଗ୍ରହର ଲୋକେ ଏପରି ବିରାଟ କେନାଲମାନ ହାତରେ ଖୋଳାଇ ପାରୁଛନ୍ତି ବୋଲି ପଣ୍ଡିତମାନେ ଅନୁମାନ କରନ୍ତି ।

Digitized by srujan ka@gmail.com

ତେବେ ସେଠାରେ କଅଣ ଗୋଟିଏ ହେଲେ ନଈ ନାହିଁ ? —ସବୁ ଗାର ତ ସିଧା ସଳଖ କେନାଲ୍ ପରି ।

ଏହାର ଉତ୍ତର ଏପର୍ଯ୍ୟନ୍ତ କେହି ଠିକ୍ ରୂପେ ଦେଇପାରୁ ନାହାନ୍ତି ।

—୪—

ପୃଥିବୀରେ ଯେପରି ଦିନ ଓ ରାତି ନିୟମିତ ଭାବରେ ହୁଏ, ମଙ୍ଗଳ ଗ୍ରହରେ ମଧ୍ୟ ସେହିପରି ଦିନ, ରାତି ହୁଏ । ଏଠାରେ ଆମର ଖରା, ବର୍ଷା, ଶୀତ ଋତୁ ପରି ସେଠାରେ ମଧ୍ୟ ଋତୁର ପରିବର୍ତ୍ତନ ଘଟେ । ଆମର ଏଠାରେ ପାଣି, ପବନ ଯେପରି ଅଛି; ମଙ୍ଗଳ ଗ୍ରହରେ ମଧ୍ୟ ସେହିପରି ପାଣି, ପବନ ଅଛି । ଏଠାରେ ପାହାଡ଼, ପର୍ବତ, ମରୁଭୂମି ଥିଲା ପରି ସେଠାରେ ବି ପାହାଡ଼, ପର୍ବତ, ମରୁଭୂମି ଦେଖାଯାଏ । ତେଣୁ ସେଠାରେ ଗଛ, ଲତା ହେଉଥିବ ବୋଲି ପଣ୍ଡିତମାନେ ଅନୁମାନ କରନ୍ତି । ବିଶେଷତଃ ଖରାଦିନେ ଦୂରବୀକ୍ଷଣ ଯନ୍ତ୍ରରେ ମଙ୍ଗଳ ଗ୍ରହର କେତେକ ଅଂଶ ଶାଗୁଆ ଦେଖାଯାଏ । ତାହା ଯେ ସେଠାର କୃଷି ଫସଲ, ବାଡ଼ି ବଗିଚା ଓ ବଣ ଜଙ୍ଗଲ, ଏହା ସହଜରେ ଅନୁମାନ କରାଯାଇପାରେ ।

ବାକି ରହିଲା ଜୀବଜନ୍ତୁଙ୍କ କଥା । ଯେଉଁଠି ପାଣିପବନ ଅଛି, ଗଛଲତା ଅଛି, ସେଠାରେ ତ ନିଶ୍ଚୟ ଜୀବଜନ୍ତୁ ଥିବେ ବୋଲି ସମସ୍ତେ କହିବେ । ତେବେ ସେ ଜୀବଜନ୍ତୁ କିପରି, ତାହା ଏପର୍ଯ୍ୟନ୍ତ କେହି ଠିକ୍ କରି କହିପାରୁ ନାହାନ୍ତି । ଆମର ଏଠାରେ ସବୁ ଜୀବଙ୍କ ମଧ୍ୟରେ ମଣିଷ ହିଁ ଶ୍ରେଷ୍ଠ । ସେଠାରେ

Digitized by srujan ka@gmail.com

ସେହିପରି ଯେ ସବୁ ଜୀବଙ୍କ ମଧ୍ୟରେ ଶ୍ରେଷ୍ଠ, ସେ କିଭଳି ? ସେଠାରେ ଆମ ଭଳି ମଣିଷ ଅଛନ୍ତି କି ନାହିଁ—ଏହା ଜାଣିବା ପାଇଁ ସମସ୍ତଙ୍କର ଇଚ୍ଛା; ମାତ୍ର ଜାଣିବେ କିପରି ?

ପୃଥିବୀ ଆଠ କୋଟି ବର୍ଷ ତଳେ ସୃଷ୍ଟି ହୋଇଥିଲା ବୋଲି ହିସାବ କରାଯାଉଛି । ସେହି ହିସାବ ଅନୁସାରେ ପୃଥିବୀରେ ପ୍ରଥମେ ଜୀବଜନ୍ତୁ ଦେଖାଦେଲେ ଦୁଇ କୋଟି ବର୍ଷ ତଳେ। ମୋଟେ ଦେଢ଼ ଲକ୍ଷ ବର୍ଷ ହେଲା ତ ମନୁଷ୍ୟ ଜନ୍ମ ହୋଇଛନ୍ତି ।

ଏହି ହିସାବ ଅନୁସାରେ ପଣ୍ଡିତମାନେ କହନ୍ତି, ମଙ୍ଗଳ ଗ୍ରହ ପୃଥିବୀର ବଡ଼ ଭାଇ, ପୃଥିବୀ ଆଗରୁ ସେ ଜନ୍ମ ହୋଇଛି । ତାର ପରମାୟୁ ଅନ୍ତତଃ ଷୋହଳ କୋଟି ବର୍ଷ ହେବ । ପୃଥିବୀର ସୃଷ୍ଟି ଅନୁସାରେ ମଙ୍ଗଳ ଗ୍ରହ ସୃଷ୍ଟିର ହିସାବ କଲେ, ସେଠାରେ ଆଠ କୋଟି ବର୍ଷ ତଳେ ଜୀବଜନ୍ତୁ ସୃଷ୍ଟି ହୋଇଥିବେ ବୋଲି କୁହାଯିବ । ଆମର ଯେପରି ଶ୍ରେଷ୍ଠ ଜୀବ ମଣିଷ, ସେଠାରେ ଯେ ସେହିପରି ଶ୍ରେଷ୍ଠ ଜୀବ, ସେ ଅନ୍ତତଃ ଛଅ ଲକ୍ଷ ବର୍ଷ ତଳେ ଜନ୍ମ ହୋଇଥିବେ । ପୃଥିବୀର ମଣିଷ ଦେଢ଼ ଲକ୍ଷ ବର୍ଷର ପିଲା ହୋଇ ମଧ୍ୟ ଅଳ୍ପ ବିଦ୍ୟାବୁଦ୍ଧିରେ ଏତେ ଉନ୍ନତ କଲଣି । ସବୁ ଗ୍ରହକୁ ଯାଇ ଥରେ ବୁଲି ଆସିବାକୁ, ସେଠାରେ ଥିବା ଜୀବଙ୍କ ସହିତ ବନ୍ଧୁତା ବାନ୍ଧିବାକୁ ସାହସ କଲଣି । ତାହା ହେଲେ ମଙ୍ଗଳ ଗ୍ରହରେ ଛଅ ଲକ୍ଷ ବର୍ଷ ତଳେ ଜନ୍ମ ହୋଇଥିବା ଜୀବ ବା 'ମଣିଷ' ପୃଥିବୀର ମଣିଷ ଅପେକ୍ଷା ଆହୁରି ବଡ଼ ପଣ୍ଡିତ ହୋଇଥିବେ । ସେ ଆମ ଅପେକ୍ଷା ବିଜ୍ଞାନରେ ବହୁତ ଦୂର ଆଗେଇ ଯାଇଥିବେ । ତେଣୁ ଏଠାର ପଣ୍ଡିତମାନେ ଅନୁମାନ କରୁଅଛନ୍ତି, ଆମେ ଯେପରି ମଙ୍ଗଳ ଗ୍ରହକୁ ଯିବାପାଇଁ ବ୍ୟାକୁଳ ହେଉଛୁ, ମଙ୍ଗଳ ଗ୍ରହର

Digitized by srujan ka@gmail.com

ଶ୍ରେଷ୍ଠ ଜୀବ ସେହିପରି ଆମ ପୃଥିବୀ ଗ୍ରହକୁ ଆସିବାକୁ ମଧ୍ୟ ବ୍ୟାକୁଳ ହେଉଥିବେ । ମାତ୍ର ବୋଧହୁଏ, ସେମାନେ ଏପର୍ଯ୍ୟନ୍ତ ଏଠାକୁ ଆସିବାର କୌଣସି ସୁବିଧା କରିପାରି ନାହାନ୍ତି; ଆମରି ଭଳି ଭୁଆଁ ବୁଲୁଅଛନ୍ତି । ସୁବିଧା ପାଇଲେ ସେମାନେ ନିଶ୍ଚୟ ପୃଥିବୀକୁ ଆସିବେ ।

କେତେ ଦିନ ତଳେ ଖବରକାଗଜରେ ତ ଗୋଟିଏ ଅଦ୍ଭୁତ ସମ୍ବାଦ ପ୍ରକାଶ ପାଇ ଚହଳ ପକାଇ ଦେଇଥିଲା । ଆମେରିକାର କୌଣସି ଏକ ଜଙ୍ଗଲରେ ଗୋଟିଏ ଅଦ୍ଭୁତ ରକମର ଜନ୍ତୁର ମୃତଦେହ ମିଳିଲା । ସେପରି ଜନ୍ତୁ ପୃଥିବୀର କେଉଁଠି ଅଛନ୍ତି ବୋଲି କେହି ଜାଣନ୍ତି ନାହିଁ । ବୈଜ୍ଞାନିକମାନେ ସେ ମୃତ-ଦେହକୁ ଆଣି ବହୁ ପ୍ରକାର ପରୀକ୍ଷା କଲେ; ମାତ୍ର ସେ ପୃଥିବୀର ଜୀବ ବୋଲି କୌଣସିମତେ ଠିକ୍ କରିପାରିଲେ ନାହିଁ । ବହୁତ ଭାବି ଚିନ୍ତି ସେମାନେ ଘୋଷଣା କଲେ ଯେ, ଏହା ମଙ୍ଗଳ ଗ୍ରହର ଗୋଟିଏ ଜୀବ । କୌଣସିମତେ ପୃଥିବୀକୁ ଆସିବାକୁ ଚେଷ୍ଟା କରନ୍ତୁ; ମାତ୍ର ପୃଥିବୀର ବାୟୁସ୍ତର ମଧ୍ୟକୁ ଚାଲିଆସିଲା ପରେ, ଏଠାର ଜଳବାୟୁରେ ବଞ୍ଚି ରହିପାରି ନାହିଁ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବଳରେ ଟାଣିହୋଇ ସେ ଆସି ଏଠାରେ ପଡ଼ିଛି ।

ଆମେ ରାତିରେ ଆକାଶରେ ଅସଂଖ୍ୟ ତାରା ଭିତରେ ମଙ୍ଗଳକୁ ଗୋଟିଏ ତାରା ପରି ଯେପରି ଦେଖୁଥାଉଁ, ମଙ୍ଗଳ ଗ୍ରହର ଲୋକେ ବି ସେହିପରି ତାଙ୍କର ରାତି ହେଲେ ପୃଥିବୀକୁ ଅସଂଖ୍ୟ ତାରା ଭିତରେ ଗୋଟିଏ ତାରା ପରି ଦେଖୁଥିବେ । ଯେଉଁ ସମୟରେ ଆମେ ମଙ୍ଗଳ ଗ୍ରହକୁ ଦେଖୁଥାଉଁ, ସେ ସମୟରେ ମଙ୍ଗଳ ଗ୍ରହର ଲୋକେ ଆମକୁ ଦେଖୁ ନ ଥିବେ—ସେତେବେଳେ ପୃଥିବୀର ଅନ୍ଧାର ପାଖଟା ତାଙ୍କ ଆଡ଼କୁ ଥିବ କି ନା !

Digitized by srujan ka@gmail.com

ଯେତେବେଳେ ସେମାନେ ପୃଥିବୀକୁ ଦେଖିବେ, ସେତେବେଳେ ପୃଥିବୀର ଲୋକେ ମଙ୍ଗଳକୁ ଦେଖି ପାରିବେ ନାହିଁ । ସେମାନେ ବି ଏହି ପୃଥିବୀ-ବାସୀ ବିଷୟରେ ଜାଣିବାପାଇଁ ବ୍ୟାକୁଳ ହେଉଥିବେ । ସେଠାରେ ସେ ଆମ କଥା ଜାଣିବାକୁ ଇଚ୍ଛୁକ, ଆମେ ଏଠାରେ ସେମାନଙ୍କ କଥା ଜାଣିବାକୁ ବ୍ୟାକୁଳ—ଏପରି ଅବସ୍ଥାରେ ଆଉ କେତେ ଦିନ କଟିବ ? ଦିନେ ନା ଦିନେ ମଙ୍ଗଳ ଓ ପୃଥିବୀର ଜୀବଙ୍କ ମଧ୍ୟରେ ମିଳନ ହେବ । ତେବେ ସେ ଦିନ କେବେ ?

ସେ ଯାହା ହେଉ, ଆମେ ଆଗ ମଙ୍ଗଳ ଗ୍ରହକୁ ଯିବା ନା ଆଗ ମଙ୍ଗଳ ଗ୍ରହର ଲୋକେ ଆମ ପାଖକୁ ଆସିବେ— ଏହି କଥା ଅନେକେ ଚିନ୍ତୁଅଛନ୍ତି ।

ପୁଣି କେହି କେହି କହୁଅଛନ୍ତି—ମଙ୍ଗଳରେ ସବୁ ଜିନିଷ ତ ଖୁବ୍ ହାଲୁକା । ଆମେ ଏଠାରେ ଗୋଟିଏ ଉଡ଼ାଜାହାଜ ତିଆରି କରିବାକୁ ଯେତିକି ପରିଶ୍ରମ କରୁଥାଉଁ, ମଙ୍ଗଳରେ ସେତିକି ପରିଶ୍ରମରେ ତାହାଠାରୁ ତିନି ଗୁଣ ବଡ଼ ଗୋଟାଏ ଉଡ଼ାଜାହାଜ ହୋଇପାରିବ । ଆମର ଯେଉଁଭଳି ଉଡ଼ାଜାହାଜ ଘଣ୍ଟାକରେ ଲକ୍ଷେ ମାଇଲ ଉଡ଼ିଯିବ, ମଙ୍ଗଳ ଗ୍ରହର ସେହିଭଳି ଗୋଟିଏ ଉଡ଼ାଜାହାଜ ଘଣ୍ଟାକରେ ତିନି ଲକ୍ଷ ମାଇଲ ଉଡ଼ିପାରିବ । ମଙ୍ଗଳ ଗ୍ରହର ଲୋକେ ତ ପୃଥିବୀକୁ ଆସିବାକୁ ନିଶ୍ଚୟ ସଜବାଜ ହେଉଅଛନ୍ତି । ସବୁ ସୁବିଧା ହୋଇଗଲେ ଦିନେ ସେମାନେ ଆସି ଆମ ପୃଥିବୀରେ ପହଞ୍ଚିଯିବେ । ଆମେ ମଙ୍ଗଳ ଗ୍ରହକୁ ଆଗ ଯାଇ ଯେଉଁ ବାହାଦୁରୀଟା ଯୁଗଯୁଗକୁ ରଖିଯାଆନ୍ତେ, ସେ ବାହାଦୁରୀ ସେମାନେ ପାଇଯିବେ ।

ତେବେ ସେ ଦିନ କେବେ ଆସିବ—ସେହି ଦିନକୁ ଆମେ ଚାହିଁ ରହିଲେ ।

ମୁଦ୍ରାକର—ଶ୍ରୀ ଘନଶ୍ୟାମ ଦାଶ, ନିଉ ଷ୍ଟୋର୍ସ ପ୍ରେସ୍, ବ୍ରହ୍ମପୁର ୧୯୫୪

Digitized by srujan ka@gmail.com